# NATIONAL NEWS BULLETIN (ODIA)
## 19 October - 2026
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ବିଜୟାଦଶମୀ ଅବସରରେ ଆସନ୍ତାକାଲିଠାରୁ କାର୍ଯ୍ୟକାରି ହେବ ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ।
- କାର୍ଯ୍ୟକ୍ଷମ ହେଲା କୃଷି କଲ୍ୟାଣ ପୋର୍ଟାଲ୍ ।

– ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଆଧାରିତ ନାଗରିକ କୈନ୍ଦ୍ରିକ ପ୍ରଶାସନକୁ ଏହା ଅଧିକ ଗତିଶୀଳ କରିବ, କହିଲେ କୃଷି ମନ୍ତ୍ରୀ ।

- ଟ୍ରେନ୍ ଏବଂ ଷ୍ଟେସନ୍ ପରିସରରେ ଉଚ୍ଚ ଶବ୍ଦରେ ମୋବାଇଲ୍ ଫୋନ୍ ବ୍ୟବହାର ନେଇ ରେଳବାଇ ପକ୍ଷରୁ ଲାଗୁ ହେଲା କଟକଣା ।
- ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି, ସୂଚନା ଦେଲେ ଆମେରିକାର ବୈଦେଶିକ ମନ୍ତ୍ରୀ ।

ଏବଂ

- ଜାପାନଠାରେ ଚାଲିଥିବା ଏସୀୟ ପାରାକ୍ରୀଡ଼ା ପ୍ରତିଯୋଗିତାରେ ଆଜି ୪ଟି ସ୍ୱର୍ଣ୍ଣ ପଦକ ହାସଲ କରିଛି ଭାରତ ।

# ଗୋୟଲ୍‌-ନ୍ୟୁଜିଲାଣ୍ଡ ଏଫ୍‌ଟିଏ

ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଏଫ୍.ଟି.ଏ. ବିଜୟାଦଶମୀ ଅବସରରେ ଆସନ୍ତାକାଲିଠାରୁ କାର୍ଯ୍ୟକାରୀ ହେବ । ଏହାଦ୍ୱାରା ନ୍ୟୁଜିଲାଣ୍ଡ ବଜାରରେ ଭାରତୀୟ ରପ୍ତାନୀ ସାମଗ୍ରୀ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଛାଡ଼ର ବ୍ୟବସ୍ଥା ଲାଗୁ ହୋଇପାରିବ । ଏ ସମ୍ପର୍କରେ ସୂଚନା ଦେଇ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୦୪୭ ବିକଶିତ ଭାରତ ଦୃଷ୍ଟିକୋଣ ଆଧାରରେ ଏହି ଚୁକ୍ତିନାମା ପ୍ରସ୍ତୁତ ହୋଇଛି । ଏମ୍.ଏସ୍.ଏମ୍.ଇ., କୃଷି, ହସ୍ତତନ୍ତ ଓ ହସ୍ତଶିଳ୍ପ ଏବଂ ଔଷଧ କ୍ଷେତ୍ର ଅଧିକ ସୁଫଳ ପାଇବେ ବୋଲି ଶ୍ରୀ ଗୋୟଲ କହିଛନ୍ତି । ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ପ୍ରାୟ ୩୫ ହଜାର କୋଟି ଟଙ୍କାକୁ ବୃଦ୍ଧି କରିବା ଲକ୍ଷ୍ୟ ନେଇ ଉଭୟ ଦେଶ ସହମତ ହୋଇଥିବା ଶ୍ରୀ ଗୋୟଲ ସୂଚନା ଦେଇଛନ୍ତି ।

ଭାରତୀୟ ଚାଷୀ ଫଳ, ପନିପରିବା, ମସଲା ଏବଂ ଅନ୍ୟାନ୍ୟ କୃଷି ଉତ୍ପାଦ ପାଇଁ ବ୍ୟାପକ ବଜାର ସୁଯୋଗ ପାଇବେ । କୃଷି କ୍ଷେତ୍ରରେ ଆୟ ବୃଦ୍ଧି ସହ ଚାଷୀଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିବ ବୋଲି ଶ୍ରୀ ଗୋୟଲ ଆଶାବ୍ୟକ୍ତ କରିଛନ୍ତି । ଦୁଗ୍ଧ ସମେତ ଅନ୍ୟାନ୍ୟ ଆନୁସଙ୍ଗୀକ କ୍ଷେତ୍ର ସୁରକ୍ଷିତ ରହିବ । ଚୁକ୍ତିନାମା କାର୍ଯ୍ୟକାରୀ ହେବା ଦ୍ୱାରା ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଛନ୍ତି ।

ସୂଚନା ଯୋଗ୍ୟ ଗତ ଏପ୍ରିଲ୍ ମାସରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା ।

# ଶିବରାଜ-ଏଗ୍ରି ପୋର୍ଟାଲ୍

କୃଷକଙ୍କ ପାଇଁ ଉଦ୍ଦିଷ୍ଟ କୃଷି କଲ୍ୟାଣ ପୋର୍ଟାଲ୍ ଆଜିଠାରୁ କାର୍ଯ୍ୟକ୍ଷମ ହୋଇଛି । ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହି ପୋର୍ଟାଲ୍‌ର ଶୁଭାରମ୍ଭ କରିବା ସହ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଛନ୍ତି । ସରକାରୀ ଯୋଜନା, ଆର୍ଥିକ ସହାୟତା ଏବଂ ଆବଶ୍ୟକ କୃଷି ସୂଚନା ଏହି ପୋର୍ଟାଲ୍ ମାଧ୍ୟମରେ ଚାଷୀ ପାଇପାରିବେ ବୋଲି ଶ୍ରୀ ଚୌହାନ କହିଛନ୍ତି । କୃଷି ଆଧାରିତ ବିଭିନ୍ନ ସୂଚନା ଏହି ପୋର୍ଟାଲ୍ ମାଧ୍ୟମରେ ଉପଲବ୍ଧ ହୋଇପାରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଆଧାରିତ ନାଗରିକ କୈନ୍ଦ୍ରିକ ପ୍ରଶାସନକୁ ଏହା ଅଧିକ ଗତିଶୀଳ କରିବ ବୋଲି ଶ୍ରୀ ଚୌହାନ ଆଶାବ୍ୟକ୍ତ କରିଛନ୍ତି । ଚାଷୀ ଉତ୍ପାଦକ ସଂଗଠନ, ପ୍ରାଥମିକ କୃଷି ଋଣ ସଂଘ, ବୈଜ୍ଞାନିକ, ଗବେଷକ ଏବଂ ଷ୍ଟାର୍ଟଅପ୍‌ଗୁଡ଼ିକୁ ସମନ୍ୱିତ କରି ଏହି ପୋର୍ଟାଲ୍ ଦେଶରେ ଏକ କୃଷି ଇକୋ ସିଷ୍ଟମ ସୃଷ୍ଟି କରିବ ବୋଲି ଶ୍ରୀ ଚୌହାନ କହିଛନ୍ତି । **V/O**

କୃଷିଜୀବୀଙ୍କୁ ଏହି ପୋର୍ଟାଲ୍ ତଥା ଅନ୍ୟାନ୍ୟ ଡିଜିଟାଲ୍ ବ୍ୟବସ୍ଥାର ପ୍ରଭାବଶାଳୀ ଢଙ୍ଗରେ ବ୍ୟବହାର କରିବା ପାଇଁ ତାଲିମ୍ ଦେବା ସକାଶେ

କୃଷି ବିଜ୍ଞାନ କେନ୍ଦ୍ର ମାଧ୍ୟମରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯିବ ବୋଲି ଶ୍ରୀ ଚୌହାନ ଏହି ଅବସରରେ ସୂଚନା ଦେଇଛନ୍ତି ।

## ଜିତେନ୍ଦ୍ର ସିଂହ-ସ୍ପେଶାଲ୍ କ୍ୟାମ୍ପେନ୍

ସ୍ୱଚ୍ଛତା ଅଭିଯାନର ଷଷ୍ଠ ସଂସ୍କରଣର ଅଗ୍ରଗତି ନେଇ ନୂଆଦିଲ୍ଲୀରେ ଆଜି କର୍ମଚାରୀ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ସମୀକ୍ଷା କରିଛନ୍ତି । ସ୍ୱଚ୍ଛ ପ୍ରଶାସନକୁ ସୁଦୃଢ଼ କରିବା ସହ ଦକ୍ଷତା ବୃଦ୍ଧି, କାର୍ଯ୍ୟ ପରିବେଶ ଓ ସଂସ୍କୃତିକୁ ଉନ୍ନତି କରିବା, ଅଭିଯୋଗଗୁଡ଼ିକର ସମୟାନୁବର୍ତ୍ତୀ ସମାଧାନ ତଥା ସରକାରୀ ସମ୍ବଳର ଉତ୍ତମ ପରିଚାଳନାକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ଅଭିଯାନ କାର୍ଯ୍ୟକାରୀ ହୋଇଛି ।

ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ ଡକ୍ଟର ସିଂହ କହିଛନ୍ତି, ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ବୈଠକରେ ଅଭିଯାନ ଅଧୀନରେ ଗ୍ରହଣ କରାଯାଇଥିବା ବିଭିନ୍ନ ପ୍ରସଙ୍ଗ ଆଧାରିତ ପଦକ୍ଷେପ ଉପରେ ଆଲୋଚନା ହୋଇଛି । ଇ-ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୨୨ର କାର୍ଯ୍ୟକାରିତା ନେଇ ବୈଠକରେ ବିସ୍ତୃତ ମତବିନିମୟ ହୋଇଥିବା ଡକ୍ଟର ସିଂହ କହିଛନ୍ତି । ଏହି ଅଭିଯାନ ଅଧୀନରେ ୫ଗତ ୫ ବର୍ଷ ମଧ୍ୟରେ ସରକାରୀ ରାଜକୋଷରେ ୬ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର

ବିଭିନ୍ନ ପ୍ରକାର ବର୍ଜ୍ୟ ପରିଚାଳନା ବାବଦ ଅର୍ଥ ସଂଗୃହିତ କରି ରଖାଯାଇଛି ।

ବୈଠକରେ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ରେଲୱେ-ଲାଉଡ୍ ମ୍ୟୁଜିକ୍

ଟ୍ରେନ୍ ଓ ରେଳବାଇ ପରିସର ମଧ୍ୟରେ ମୋବାଇଲ ଫୋନ୍‌ରେ' ଉଚ୍ଚ ଶବ୍ଦରେ ସଙ୍ଗୀତ, ଭିଡିଓ କିମ୍ବା ଅନ୍ୟାନ୍ୟ  ଅଡିଓ ବଜାଇବା ପାଇଁ ବାରଣ କରାଯାଇଛି। ଭାରତୀୟ ରେଳବାଇ ପକ୍ଷରୁ ଯାତ୍ରୀମାନଙ୍କ ପାଇଁ ଏ ସମ୍ପର୍କିତ ଏକ ପରାମର୍ଶବଳୀ ଜାରି କରାଯାଇଛି। ଏହାର ଅମାନ୍ୟ କ୍ଷେତ୍ରରେ ଯାତ୍ରୀଙ୍କୁ ରେଳବାଇ ପରିସରରୁ ବାହାର ଏବଂ ୧ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦଣ୍ଡ କାର୍ଯ୍ୟକାରୀ କରାଯିବ । ଆବଶ୍ୟକ ସ୍ଥଳେ ଯାତ୍ରୀଙ୍କ ଟିକେଟକୁ ଜବତ କରାଯିବ। ରେଳବାଇ ଡିଭିଜନ୍‌ର ଟିକେଟ ନିରୀକ୍ଷକ ଏବଂ ବରିଷ୍ଠ ଅଧିକାରୀ ଅମାନ୍ୟ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ବାରମ୍ବାର ନିର୍ଦ୍ଦେଶ ଉଲ୍ଲଙ୍ଘନ କ୍ଷେତ୍ରରେ ଯାତ୍ରୀଙ୍କୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା କିମ୍ବା ଜେଲଦଣ୍ଡ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବ ବୋଲି ପରାମର୍ଶବଳୀରେ ସ୍ପଷ୍ଟ କରାଯାଇଛି । ପରାମର୍ଶବଳୀ

ସମ୍ପର୍କରେ ସଚେତନତା ସୃଷ୍ଟି  କରିବାକୁ ରେଳବାଇ ପକ୍ଷରୁ ସମସ୍ତ ରେଳ ଡିଭିଜନକୁ ନିର୍ଦ୍ଦେଶ ଦିଆଯାଇଛି ।

# ରୁବିଓ ଟ୍ରେଡ୍ ଡିଲେ

ଭାରତ ସହିତ ଆମେରିକା ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବାର ନିକଟତର ହୋଇଛି ବୋଲି ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ କହିଛନ୍ତି । ଉଜ୍‌ବେକିସ୍ତାନର ସମରକଣ୍ଡ ଠାରେ ଗଣମାଧ୍ୟମ ସହ ଆଲୋଚନା ବେଳେ ଶ୍ରୀ ରୁବିଓ ରୁଷଠାରୁ ତୈଳ ଓ ଗ୍ୟାସ୍ ଆମେଦାନୀ କରୁଥିବା ଦେଶଗୁଡ଼ିକ ପାଇଁ ଅସ୍ଥାୟୀ ଭାବେ ପ୍ରତ୍ୟାହୃତ ହୋଇଥିବା ପ୍ରତିବନ୍ଧକକୁ ସମର୍ଥନ କରିଛନ୍ତି । ବିଶ୍ୱ ଶକ୍ତି ଯୋଗାଣ ଏବଂ ମୂଲ୍ୟ ନିୟନ୍ତ୍ରଣ ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଶ୍ରୀ ରୁବିଓ କହିଛନ୍ତି । ସେ କହିଛନ୍ତି, ପ୍ରତ୍ୟେକ ଦେଶ ନିଜର ସ୍ଥିତିକୁ ସମୀକ୍ଷା କରିବା ସହ ଶକ୍ତି ସଂଗ୍ରହ କ୍ଷେତ୍ରରେ ବିକଳ୍ପ ବ୍ୟବସ୍ଥା ସନ୍ଧାନ କରିବା ଉଚିତ୍ । ବୈଦେଶିକ ନୀତି ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯିବା ବେଳେ ଏଭଳି ପରିସ୍ଥିତିକୁ ସମୀକ୍ଷା କରାଯିବା ଉପରେ ଶ୍ରୀ ରୁବିଓ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ସୂଚନା ଯୋଗ୍ୟ ଶ୍ରୀ ରୁବିଓ ଆସନ୍ତାକାଲି ମୁମ୍ବାଇ ଗସ୍ତରେ ଆସୁଛନ୍ତି । ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ ସାକ୍ଷାତ ଆଲୋଚନା କରିବା ସହ ଏହି ଅବସରରେ ସେ ଜାମ୍‌ନଗର ଯାତ୍ରା କରିବାର କାର୍ଯ୍ୟସୂଚୀ ରହିଛି ।

## ପୋଲାଣ୍ଡ ପିଏମ୍-ଇଣ୍ଡିଆ ଭିଜିଟ୍

ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋଲ୍ଡ ଟସ୍କ୍ ଆସନ୍ତା ବୁଧବାରଠାରୁ ଭାରତକୁ ତିନି ଦିନିଆ ଗସ୍ତରେ ଆସୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ ସେ ଭାରତ ଗସ୍ତରେ ଆସୁଥିବା ଜଣାପଡ଼ିଛି । ଶ୍ରୀ ଟସ୍କ୍ଙ୍କ ସହ ପୋଲାଣ୍ଡର ଅର୍ଥ ଏବଂ ଅର୍ଥନୈତିକ ବ୍ୟାପାର ମନ୍ତ୍ରୀ ଆଣ୍ଡ୍ରେଜ୍ ଡୋମାନ୍‌ସ୍କି ଓ ଏକ ବ୍ୟବସାୟିକ ପ୍ରତିନିଧି ମଣ୍ଡଳୀ ଏହି ଗସ୍ତରେ ଆସୁଛନ୍ତି । ଗସ୍ତ ଅବସରରେ ଆସନ୍ତା ଗୁରୁବାର ଦିନ ଶ୍ରୀ ଟସ୍କ୍ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବୈଠକରେ ଯୋଗଦେବେ । ଉଭୟ ନେତା ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସମ୍ପର୍କକୁ ସୁଦୃଢ଼ କରିବା ଏବଂ ନୂତନ ମାର୍ଗ ଉନ୍ମୋଚନ କରିବା ନେଇ ମତ ବିନିମୟ କରିବାର ସମ୍ଭାବନା ରହିଛି । ଦ୍ୱିପାକ୍ଷିକ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ଉପରେ ମଧ୍ୟ ଉଭୟ ନେତା ଆଲୋଚନା କରିବେ । ଗସ୍ତ ଅବସରରେ ଶ୍ରୀ ଟସ୍କ ବେଙ୍ଗାଲୁରୁ ଯାଇ

ସୂଚନା ଓ ପ୍ରଯୁକ୍ତିବିଦ୍ୟା ଏବଂ ମହାକାଶ କ୍ଷେତ୍ର ସମେତ ବିଭିନ୍ନ ବ୍ୟାବସାୟିକ ଅଂଶିଦାରଙ୍କ ସହ ବୈଠକରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ନୂଆଦିଲ୍ଲୀରେ ଆସନ୍ତା ୨୨ ତାରିଖରେ ଏବଂ ୨୩ ତାରିଖରେ ବେଙ୍ଗାଲୁରୁରେ ଭାରତ-ପୋଲାଣ୍ଡ ବ୍ୟାବସାୟିକ ସମ୍ମିଳନୀ ଅନୁଷ୍ଠିତ ହେବା ନେଇ ସ୍ଥିର ହୋଇଛି ।

## ଗଭ୍-ମେଟା

ବିଭିନ୍ନ ପ୍ରସଙ୍ଗରେ ସୂଚନା ଉପସ୍ଥାପନ ବ୍ୟବସ୍ଥାକୁ ଅଧିକ ଉନ୍ନତ କରିବାକୁ ସରକାର ଇନ୍‌ଷ୍ଟାଗ୍ରାମ୍ ଓ ଫେସ୍‌ବୁକ୍‌ର ପରିଚାଳନା କମ୍ପାନୀ ମେଟାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାଦ୍ୱାରା ପ୍ରତ୍ୟେକ ବ୍ୟବହାରକାରୀ କୌଣସି ନିର୍ଦ୍ଦିଷ୍ଟ କିମ୍ବା ମନୋନୀତ ଦୃଷ୍ଟିକୋଣ ଆଧାରିତ ପ୍ରସଙ୍ଗର ଅଧିକ ସଂସ୍ପର୍ଶରେ ଆସିବେ ନାହିଁ । ଏ ସମ୍ପର୍କରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଏକ ପରାମର୍ଶବଳୀ ଜାରି କରିଛି ।

ମେଟା କମ୍ପାନୀକୁ ହିଂସାତ୍ମକ କିମ୍ବା ବେଆଇନ୍ କାର୍ଯ୍ୟକଳାପ ଆଧାରିତ ପ୍ରସଙ୍ଗଗୁଡ଼ିକର ଯାଞ୍ଚ୍ ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରିବାକୁ କୁହାଯାଇଛି । ସାର୍ବଜନୀନ ଘଟଣା ସମ୍ପର୍କିତ ଫଟୋ, ଭିଡ଼ିଓ, ଗ୍ରାଫିକ୍ସ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ଆଧାରିତ ପର୍ଯ୍ୟାପ୍ତ ସୂଚନା ପ୍ରଦାନ କରିବାକୁ ମେଟା କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରଣାଳୟ କହିଛି । ଏହାଦ୍ୱାରା

ଉପଭୋକ୍ତାଙ୍କୁ ବିଷବସ୍ତୁର ପ୍ରକୃତ ସମୟ, ସ୍ଥାନ ଏବଂ ପାରିପାର୍ଶ୍ୱିକ ସ୍ଥିତ ସମ୍ପର୍କରେ ତର୍ଜମା କରିବାକୁ ସୁଯୋଗ ମିଳିବ ବୋଲି ମନ୍ତ୍ରଣାଳୟ ଆଶାବ୍ୟକ୍ତ କରିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **"ଉପଭୋକ୍ତା ସଚେତନତା ଓ ସୁରକ୍ଷା"** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଏଥିରେ ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଅନୁପମ ମିଶ୍ର ଏବଂ ବିଶେଷଜ୍ଞ ଡକ୍ଟର ସୀତଲ କପୁର ଯୋଗ ଦେବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ପାରା-ଏସିଆନ୍ ଗେମ୍ସ

ଏସୀୟ ପାରା କ୍ରୀଡ଼ା ପ୍ରତିଯୋଗିତାରେ ଭାରତୀୟ ଖେଳାଳି ଆଜି ଚାରୋଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ପୁରୁଷ ଲଙ୍ଗ୍‌ଜମ୍ପ ଟି-୪୭ ବର୍ଗରେ ନିଶାଦ୍ କୁମାର ସ୍ୱର୍ଣ୍ଣ ପଦକ ପାଇଛନ୍ତି । ମହିଳା ୧୫୦୦ ମିଟର ଟି-୧୨/୧୩ ପ୍ରତିଯୋଗିତାରେ ସୌମ୍ୟା ସ୍ୱର୍ଣ୍ଣପଦକ ଜିତିଥିବାବେଳେ ରାଧା ଭେଙ୍କଟେସ୍ ରୌପ୍ୟପଦକ ହାସଲ କରିଛନ୍ତି। ପୁରୁଷ ଜାଭେଲିନ ଏଫ୍-୧୬ ପ୍ରତିଯୋଗିତାରେ ରିଙ୍କୁ ସ୍ୱର୍ଣ୍ଣପଦକ ଏବଂ ଅଜିତ ସିଂହ ରୌପ୍ୟ ପଦକ ଜିତିଛନ୍ତି। ଆଜି ପୂର୍ବାହ୍ନରେ ମହିଳା ୧୦ ମିଟର ଏୟାର ରାଇଫଲ୍ ଏସ୍‌ଏଚ୍-୧ ବର୍ଗରେ ମୋନା ଅଗ୍ରୱାଲ ସ୍ୱର୍ଣ୍ଣପଦକ ଏବଂ ଅବନୀ ଲେଖରା ରୌପ୍ୟ ପଦକ ହାସଲ କରିଛନ୍ତି। ଜୁଡୋରେ ଭାରତର ଦୃଷ୍ଟିଶକ୍ତିବାଧିତ ଖେଳାଳି ଜୁଡୋକା କୋକିଲା ୫୨ କିଲୋଗ୍ରାମ୍ ଜେ-ଟୁ ବର୍ଗରେ ରୌପ୍ୟ ପଦକ ହାସଲ କରିଥିବାବେଳେ କପିଲ ପର୍ମାର ୭୦ କିଲୋଗ୍ରାମ ଜେ-ୱାନ୍ ବର୍ଗରେ ରୌପ୍ୟ ପଦକ ପାଇଛନ୍ତି। ସନ୍ତରଣରେ ରବି କାର୍ତ୍ତିକ ପୁରୁଷ ଫ୍ରିଷ୍ଟାଇଲ ଏସ୍-୧୩ବର୍ଗରେ ରୌପ୍ୟ ପଦକ ଜିତିଛନ୍ତି । ଏ ପର୍ଯ୍ୟନ୍ତ ଭାରତକୁ ଚାରୋଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ, ୨ଟି କାଂସ୍ୟ ପଦକ ସହ ମୋଟ ୧୧ଟି ପଦକ ପାଇଛି ।